# ତହସିଲ କାର୍ଯ୍ୟାଳୟ ମାଥିଲି , ଜିଲ୍ଲା--ମାଲକାନଗିରି

# OFFICE OF THE TAHASILDAR, MATHILI, DIST- MALKANGIRI

Mob No. 6371130875 e mail id- tah.mathili-od@nic.in


ବିଜ୍ଞପ୍ତି ସଂଖ୍ୟା. 1787 /XXX-28/2020 (ସୈରାତ) ତାରିଖ:- 31/08/ 2020

## ଲଘୁ ଖଣିଜ ଉତ୍ସର ବିଜ୍ଞାପନ ପିରିଶିଷ୍ଟ ଯୋଗ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ସଂଶୋଧନ ଆଇନ -୨୦୧୮ ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା-୧୭୩୬ ତା- ୨୫.୦୮.୨୦୨୦ରିଖ ରେ ପ୍ରକାଶିତ ଅନୁଚ୍ଛେଦ " ଦରଖାସ୍ତ ସହ ବାଧତା ମୂଳକ ଭାବେ ଦାଖଲ କରିବାକୁଥିବା ଦସ୍ତାବିଜ " ପରିଶିଷ୍ଟ **'E'** ପ୍ରକାରେ ଏକ ବ୍ୟାଙ୍କ ପ୍ରତ୍ୟାଭୁତି ପତ୍ର **(BANK GUARANTEE)** ଯାହାର ସଂପୂର୍ଣ୍ଣ ଲିଜ ଅବଧି ସମୟ ପର୍ଯ୍ୟନ୍ତ ବୈଧତା ଥିବା ପତ୍ର ପ୍ରଦାନ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମାତ୍ର ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପତ୍ର ସଂଖ୍ୟା –୨୩୭୨୬ ତା-୩୦.୦୭.୨୦୨୦ରିଖ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ର ନିୟମ 4(iv) ପ୍ରକାରେ ଏକ ବ୍ୟାଙ୍କ ପ୍ରତ୍ୟାଭୁତି ପତ୍ର **(BANK GUARANTEE)** ଯାହାର ଅବଧି ସର୍ବନିମ୍ନ ଅଠର ମାସ ବା ତାଠାରୁ ଅଧିକ ହେବା ଆବଶ୍ୟକ କିମ୍ବା ଅନ୍ୟୁନ ବର୍ଷକ ମଧ୍ୟରେ ନିର୍ଗମନ ହୋଇଥିବା ସମମୂଲ୍ୟର ଏକ ଶୋଧକ୍ଷମ ପ୍ରମାଣ ପତ୍ର **(SOLVENCY CERTIFICATE )** ମଧ୍ୟ ପ୍ରଦାନ କରିପାରିବେ ।

ଏଥିପାଇଁ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ଓ ଦରଖାସ୍ତ ଯାଞ୍ଚ ଓ ଲିଜ ଚୂଡ଼ାନ୍ତ ତାରିଖ ନିମ୍ନୋକ୍ତ ପ୍ରକାରେ ବୃଦ୍ଧି / ପରିବର୍ତ୍ତନ କରାଗଲା ।

### ସାରଣୀ-କ

| ପର୍ଯ୍ୟାୟ ସଂଖ୍ୟା | ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ | ସମୟ ଅପରାହ୍ନ | ଦରଖାସ୍ତ ଯାଞ୍ଚ ଓ ଲିଜ ଚୂଡାନ୍ତ ତାରିଖ | ସମୟ ପୂର୍ବାହ୍ନ | ମନ୍ତବ୍ୟ |
|---|---|---|---|---|---|
| ପ୍ରଥମ ପର୍ଯ୍ୟାୟ | ୨୧.୦୯.୨୦୨୦ | ୫.୩୦ ସୁଦ୍ଧା | ୨୨.୦୯.୨୦୨୦ | ୧୨.୦୦ | ପ୍ରଥମ ପର୍ଯ୍ୟାୟରେ ଚୂଡାନ୍ତ ହୋଇସାରିଥିବା ଉତ୍ସ ପରବର୍ତ୍ତୀ ପର୍ଯ୍ୟାୟରେ ବିଚାରକୁ ନିଆଯିବ ନାହିଁ |
| ଦ୍ୱିତୀୟ ପର୍ଯ୍ୟାୟ | ୦୧.୧୦.୨୦୨୦ | ୫.୩୦ ସୁଦ୍ଧା | ୦୩.୧୦.୨୦୨୦ | ୧୨.୦୦ | |
| ତୃତୀୟ ପର୍ଯ୍ୟାୟ | ୧୨.୧୦.୨୦୨୦ | ୫.୩୦ ସୁଦ୍ଧା | ୧୩.୧୦.୨୦୨୦ | ୧୨.୦୦ | |

ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ୍ ସାଇଟ **www.malkangiri.nic.in** ରେ ଦେଖିପାରିବେ

ତହସିଲଦାର, ମାଥିଲି
31/8/2020

ଜ୍ଞାପକ ସଂଖ୍ୟା 1788 /୨୦ ତାରିଖ 31/08/20

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-ଅଧକ୍ଷ୍ୟ ଠିକା ଚୟନକର୍ତା ମାଥିଲି / ରାଜସ୍ୱ ନିରୀକ୍ଷକ ପାଙ୍ଗମ , ଚେଡେଙ୍ଗା / ସରପଞ୍ଚ ନାୟକଗୁଡା , ଉଦୁଲିବେଡ଼ା , ପାଙ୍ଗମ ଓ ମେକାଙ୍କ ଅବଗତି ତଥା ବିଜ୍ଞାପନ ଫଳକରେ ପ୍ରକାଶକରି ବିସ୍ତୃତଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା 1789 /୨୦ ତାରିଖ 31/08/20

ଏହାର ଏକକିତା ନକଲ ଜିଲ୍ଲାପାଳ, ମାଲକାନଗିରି / ଉପ-ଜିଲ୍ଲାପାଳ, ମାଲକାନଗିରି ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମାଥିଲି

ଜ୍ଞାପକ ସଂଖ୍ୟା 1790 /୨୦ ତାରିଖ 31/08/20

ଏହାର ଏକକିତା ନକଲ ମାଥିଲି ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସୁଚାଇ ଦିଆଗଲା ।

ତହସିଲଦାର, ମାଥିଲି